ଜରୁରି

# ଜିଲ୍ଲା କାର୍ଯ୍ୟାଳୟ, ନୂଆପଡା

(ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଉପବିଭାଗ)

ବିଜ୍ଞାପନ ନମ୍ବର ୪୩୦/ତାରିଖ ୧୪.୦୨.୨୦୧୯

ଏତଦ୍ୱାରା ସର୍ବସାଧାରଣ ଙ୍କୁ ଜଣାଇ ଦିଆଯାଉଅଛି ଯେ ଚଳିତ ଶିକ୍ଷା ବର୍ଷ ୨୦୧୯-୨୦ ରେ ଓଡିଶା ସରକାରଙ୍କ ସହରାଞ୍ଚଳ ଶିକ୍ଷା କାର୍ଯ୍ୟକ୍ରମ "ଅନ୍ୱେଷା" ଯୋଜନାରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ବି.ପି.ଏଲ (B.P.L.) ପରିବାର ଅନ୍ତର୍ଭୁକ୍ତ ଅନୁସୂଚିତ ଜନଜାତି (Schedule Tribe) ଓ ଅନୁସୂଚିତ ଜାତି (Schedule Caste) ଛାତ୍ର ଛାତ୍ରୀ ମାନଙ୍କୁ ଜିଲ୍ଲାରେ ଥିବା Public School ମାନଙ୍କରେ ଶିକ୍ଷା ପ୍ରଦାନ କରାଯିବ । ଚଳିତ ବର୍ଷ ଛାତ୍ର / ଛାତ୍ରୀ ମାନଙ୍କୁ Standard-I ରେ ନାମ ଲେଖାଯିବ । ଏ ସଂକ୍ରାନ୍ତ ରେ ଆବଶ୍ୟକୀୟ ସମସ୍ତ ଖର୍ଚ୍ଚ ସରକାର ବହନ କରିବେ । SECC – 2011 ତାଲିକାରେ ଅନ୍ତର୍ଭୁକ୍ତ ଥିବା ST/SC ପରିବାର ର ପିଲାମାନେ ମଧ୍ୟ ଏହି ଯୋଜନାର ଲାଭ ନେଇପାରିବେ ।

ଏଣୁ ଆଗ୍ରହୀ ଅଭିଭାବକ ମାନଙ୍କ ଠାରୁ ସେମାନଙ୍କ ପିଲାଙ୍କୁ Public School ମାନଙ୍କରେ ଚଳିତ ବର୍ଷ Standard-I ରେ ପଢାଇବା ନିମନ୍ତେ ଦରଖାସ୍ତ ଆହ୍ୱାନ କରା ଯାଉଅଛି । ଅଭିଭାବକ ମାନେ ନିର୍ଦ୍ଧାରିତ ଫର୍ମ ପୂରଣ କରି ଆବଶ୍ୟକୀୟ କାଗଜାତ/ ପ୍ରମାଣ ପତ୍ର / ତଥ୍ୟ ସହିତ, ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ, ନୂଆପଡା ଠାରେ ତା.୦୧.୦୩.୨୦୧୯ ସୁଦ୍ଧା ଦରଖାସ୍ତ କରିପାରିବେ । ନିର୍ଦ୍ଧାରିତ ତାରିଖ ପରେ କୌଣସି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । ସମସ୍ତ ତଥ୍ୟକୁ ଅନୁଧ୍ୟାନ କରି ଏକ କମିଟି ଦ୍ୱାରା ଲଟେରୀ ମାଧ୍ୟମରେ ଛାତ୍ର / ଛାତ୍ରୀଙ୍କୁ ଚୟନ କରାଯିବ । ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ, ନୂଆପଡା ଓ ସମସ୍ତ ବ୍ଲକ କାର୍ଯ୍ୟାଳୟରେ ଉପଲବ୍ଧ । ଏ ସମ୍ପର୍କରେ ଅନ୍ୟାନ୍ୟ ସୂଚନା ଓ ଦରଖାସ୍ତ ଫର୍ମ ଜିଲ୍ଲା website, www.nuapada.nic.in ରେ ଉପଲବ୍ଧ କରା ଯାଇଛି ।

14.02.19

ଜିଲ୍ଲା ମଙ୍ଗଳ ଅଧିକାରୀ, ନୂଆପଡା

ପରିପତ୍ର ନମ୍ବର ୪୩୧ ତାରିଖ ୧୪.୦୨.୨୦୧୯

ଏହାର ଏକ ନକଲ ବିଜ୍ଞାପନ ମେନେଜର, ସମ୍ବାଦ ଓ ଧରିତ୍ରୀ, ସମ୍ବଲପୁର ଙ୍କ ନିକଟ କୁ ତାଙ୍କର ଏକ ଦିନର ମୁଦ୍ରଣ ରେ ପ୍ରକାଶ କରିବା ନିମନ୍ତେ ପଠାଗଲା ।

14.02.19

ଜିଲ୍ଲା ମଙ୍ଗଳ ଅଧିକାରୀ, ନୂଆପଡା

ପରିପତ୍ର ନମ୍ବର ୪୩୨ ତାରିଖ ୧୪.୦୨.୨୦୧୯

ଏହାର ନକଲ ତଥା ଦରଖାସ୍ତ ଫର୍ମ ର ପ୍ରତିଲିପି ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ / ସମସ୍ତ ତହସିଲଦାର / ଉପ ଜିଲ୍ଲାପାଳ, ନୂଆପଡା / ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା , ନୂଆପଡା ଙ୍କ ନୋଟିସ ବୋର୍ଡ / ଜିଲ୍ଲାପାଳ , ନୂଆପଡା ଙ୍କ ନୋଟିସ ବୋର୍ଡ/ କାର୍ଯାଳୟ ନୋଟିସ ବୋର୍ଡରେ ଜନସାଧାରଣ ଙ୍କ ଅବଗତି ନିମନ୍ତେ ଛପା ଯିବା ପାଇଁ ଅନୁରୋଧ କରାଯାଇ , ପ୍ରେରଣ କରାଗଲା ।

ଜିଲ୍ଲା ମଙ୍ଗଳ ଅଧିକାରୀ, ନୂଆପଡା

ପରିପତ୍ର ନମ୍ବର ୪୩୩ ତାରିଖ ୧୪.୦୨.୨୦୧୯

ଏହାର ନକଲ ତଥା ଦରଖାସ୍ତ ଫର୍ମ ର ପ୍ରତିଲିପି ଜିଲ୍ଲାର ସମସ୍ତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ମଙ୍ଗଳ ଅଧିକାରୀ, ନୂଆପଡା

ପରିପତ୍ର ନମ୍ବର ୪୩୪ ତାରିଖ ୧୪.୦୨.୨୦୧୯

ଏହାର ନକଲ D.I.O., NIC, ନୂଆପଡା ଙ୍କ ଅବଗତି ତଥା ନୂଆପଡା ଜିଲ୍ଲା website ରେ ଉପଲବ୍ଧ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ମଙ୍ଗଳ ଅଧିକାରୀ, ନୂଆପଡା

# ସହରାଞ୍ଚଳ ଶିକ୍ଷା କାର୍ଯ୍ୟକ୍ରମ- ନୂଆପଡା ଜିଲ୍ଲା, 2019-20

## [ଶ୍ରେଣୀ-୧ (Standard-I) ରେ ନାମଲେଖାପାଇଁ ଦରଖାସ୍ତ ଫର୍ମ]

୧. ଛାତ୍ର/ ଛାତ୍ରୀ ର ନାମ-

୨ ମାତାଙ୍କ ନାମ-

୩ ପିତାଙ୍କ ନାମ-

୪ ସ୍ଥାୟୀ ବାସଗୃହ ଠିକଣା

ଗ୍ରାମ-

ପୋଷ୍ଟ-

ଗ୍ରାମପଞ୍ଚାୟତ- ବ୍ଲକ-

ଥାନା- ଜିଲ୍ଲା-ନୂଆପଡା

୫ ବର୍ତ୍ତମାନର ଠିକଣା (ଯୋଗାଯୋଗ ନିମନ୍ତେ)

ଗ୍ରାମ-

ପୋଷ୍ଟ-

ଜିଲ୍ଲା-

ପିନ-

୬ ମୋବାଇଲ ନମ୍ବର(ଯଦି ଥାଏ)-

୭ ଛାତ୍ର/ ଛାତ୍ରୀର ବୟସ- ଜନ୍ମତାରିଖ-

(ତା.୦୧-୦୪-୨୦୧୯ ସୁଦ୍ଧା ଛାତ୍ର/ ଛାତ୍ରୀର ବୟସ(୫+) ପାଞ୍ଚବର୍ଷରୁ ଅଧିକ ଏବଂ ସାତ ବର୍ଷ ରୁ କମ ହୋଇଥିବା ଆବଶ୍ୟକ. ଏ ସଂକ୍ରାନ୍ତରେ ଜନ୍ମ ସାର୍ଟିଫିକେଟର ଏକ ଜେରକ୍ସ କପି ଦେବାକୁ ହେବ)

୮ ଆବେଦନକାରୀ କେଉଁ ବର୍ଗର ଅଟନ୍ତି-

ଅନୁସୂଚିତ ଜନଜାତି(ST) ଅନୁସୂଚିତ ଜାତି (SC)

ଉପଜାତି (Sub-Caste) -

(ଦରଖାସ୍ତ ସହିତ ତହସିଲଦାରଙ୍କ ଠାରୁ ପ୍ରାପ୍ତ ଜାତି ସାର୍ଟିଫିକେଟର ଜେରେକ୍ସ କପି ଦେବାକୁ ହେବ)

୯ ଛାତ୍ର/ ଛାତ୍ରୀଙ୍କୁ ହଷ୍ଟେଲରେ ରଖିବାକୁ ଚାହୁଁଛନ୍ତି କି ? ହଁ ନାହିଁ

୧୦ ପରିବାରର ବି.ପି.ଏଲ ନମ୍ବର -

(ପରିବାରର ମୁଖ୍ୟଙ୍କ ନାମରେ B.P.L ନମ୍ବର ଥିବା ଆବଶ୍ୟକ) ଗ୍ରାମ-

ଗ୍ରାମପଞ୍ଚାୟତ-

ବ୍ଲକ-

(ବି.ପି.ଏଲ ବହିର ଏକ ଜେରେକ୍ସ କପି ଦେବାକୁ ହେବ)

୧୧ ବି.ପି.ଏଲ ନମ୍ବର ଥିବା ପରିବାରର ମୁଖ୍ୟଙ୍କ ସହିତ ଛାତ୍ର/ ଛାତ୍ରୀର ସମ୍ପର୍କ-

୧୨ ଯଦି SECC – 2011 ରେ ନାମ ତାଲିକା ଭୁକ୍ତ ହୋଇଥିବ ତେବେ ତାର ଗ୍ରାମର ନାମ, ପରିବାରର ମୁଖ୍ୟ ଙ୍କ ନାମ ଓ କ୍ରମିକ ନମ୍ବର :

ଏତଦ୍ବାରା ମୁଁ ଘୋଷଣା କରୁଅଛି କି, ମୋ ଦ୍ଵାରା ପ୍ରଦାନ କରାଯାଇଥିବା ଉପରୋକ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ । ଯଦି କୌଣସି ତଥ୍ୟ ମିଥ୍ୟା ବୋଲି ଜଣାପଡେ, ତାହାହେଲେ ମୋର ଦରଖାସ୍ତକୁ ନାକଚ କରାଯିବ ।

ପିତା/ ମାତା/ ଅଭିଭାବକଙ୍କ ସ୍ୱାକ୍ଷର

ଛାତ୍ର/ ଛାତ୍ରୀଙ୍କ ସହିତ ସଂମ୍ପର୍କ-